# ଆଶ୍ଚର୍ଯ୍ୟ ବାଳକ

ମାତୃକୋଳ ଛାଡି
ଭୀତତ୍ରସ୍ଥ ନୟନେ, ଚାହେଁ ନୀରିହ ବାଳକ
ଦେଖି ଯୁଦ୍ଧଗ୍ରସ୍ଥ ଧରାକୁ
ପଚାରେ ସେ ହୋଇ ଭୀତକଣ୍ଠ
କୁହ ମାତା, କେଉଁ ଠାକୁ ମୁଁ ଆସିଛି ?
ଉତରରେ ମୁଁ କହେ,
ଆସିଛୁ ତୁ ପୁତ୍ର
ଏଇ ଧରାପୃଷ୍ଠ
ଦୃଷ୍ଟି ହାଣି ଚତୁର୍ଦ୍ଦିଗେ
ଦେଖେ ସେଇ ନୀରିହ ବାଳକ
ରାସ୍ତା ଘାଟ, ଗଳି ଓ ଅର୍ଗଳି
ଲାଲ୍ ରକ୍ତରେ ରଞ୍ଜିତ
କୁଢ କୁଢ ଶବର
ହୃଦୟ ବିଦାରକ ଦୃଶ୍ୟପଟ
ନୀରିହ ବାଳକ, କରେ ପ୍ରଶ୍ନ
କୁହ ମାତା ଏଇ ନରକରେ ମଣିଷ

କିପରି କରେ ବାସ ?

ପ୍ରତ୍ୟୁତରେ କହେ ମୁଁ

ଲଜ୍ୟା ଲାଗେ ମୋତେ,

କି କହିବିରେ ଧନ

ମଣିଷଟେ କାହିଁ ଏଠି

ଏ ଯେ ନରକ

କବି- ସଇଦ୍ ଆବୁ ବାକର୍(ବାଂଲାଦେଶ)

Translated by Bharati Nayak, Odisha, India